# NATIONAL NEWS BULLETIN (ODIA)

**29 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାରରେ ୭ଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କଲେ ରେଳମନ୍ତ୍ରୀ

- ୩୬ଟି ଜୀବନରକ୍ଷାକାରୀ ଔଷଧ ଉପରେ ଜିଏସଟି ହ୍ରାସ ପାଇବା ପରେ ସାଧାରଣ ଲୋକଙ୍କୁ ମିଳୁଛି ସହଜ ଚିକିତ୍ସା ସୁବିଧା

- ବାଂଲାଦେଶରେ ସାନି ହିଂସା ସୃଷ୍ଟି, ୩ ମୃତ

- ୧୧ ବର୍ଷର ଶାସନ କାଳରେ ଦେଶର ଜୀବନଧାରା-ଭାରତୀୟ ରେଳ କ୍ଷେତ୍ରରେ ଘଟିଛି ଅଭୂତପୂର୍ବ ପରିବର୍ତ୍ତନ

ଏବଂ

- ଏସିଆ କପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ବିଜୟୀ ଭାରତୀୟ ଦଳକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

## ବୈଷ୍ଣବ-ବିହାର ଟ୍ରେନ୍‌ସ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଆଜି ବିହାରରେ ୭ଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ସେଥିମଧ୍ୟରୁ ୩ଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ମୁଜାଫରପୁରରୁ ଚାର୍ଲାପଲି, ଦରଭଙ୍ଗାରୁ ମାଦର ଜଙ୍କସନ୍ ଏବଂ ଛପ୍ରାରୁ ଆନନ୍ଦବିହାର ଟର୍ମିନାଲ୍ ଯାଏଁ ଗଡ଼ିବ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଆଭାସୀ ଜରିଆରେ ନୂଆଦିଲ୍ଲୀରୁ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପାଟନା ଜଙ୍କ୍ସନ୍‌ରେ ଏହି ଟ୍ରେନ୍‌ଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

୪ଟି ଯାତ୍ରୀବାହୀ ଟ୍ରେନ୍ ନୱାଡ଼ା, ଇସ୍‌ଲାମପୁର, ବକ୍ସର ଏବଂ ଝାଝା କୁ ସଂଯୋଗ କରିବ । ନୂଆ ତିନୋଟି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ସହ ବିକଶିତ ଭାରତର ସ୍ୱପ୍ନ ପୂରଣ ଦିଗରେ ସହାୟକ ହେବ ବୋଲି କୁହାଯାଇଛି ।

ଏହି ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଯେଉଁ ଅଞ୍ଚଳରେ ରେଳବାଇର ବିକାଶ ଆଖିଦୃଶିଆ ହୋଇପାରି ନାହିଁ ସେହିସବୁ ଅଞ୍ଚଳ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ।

ସେ କହିଛନ୍ତି, ପୂର୍ବରୁ ରେଳ ବଜେଟ୍ ମାତ୍ର ୧ ହଜାର କୋଟିରେ ସୀମିତ ରହୁଥିବା ବେଳେ ଏବେ ଏହାକୁ ୧୦ ହଜାର କୋଟିକୁ ବୃଦ୍ଧି କରାଯାଇଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିହାରରେ ଅନେକ ଗୁଡ଼ିଏ ପ୍ରକଳ୍ପ ଶେଷ ହୋଇଥିବା ବେଳେ ଚଳିତ ଦୀପାବଳି ଏବଂ ଛଟ୍ ପର୍ବ ସମୟରେ ୧୨ ହଜାରରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ।

---

## ବୈଷ୍ଣବ-ଇଲେକ୍‌ଟ୍ରୋନିକ୍ସ

କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଭାରତରେ ଆସନ୍ତା କିଛିବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ବିନିର୍ମାଣ କ୍ଷେତ୍ର ପ୍ରମୁଖ ନିଯୁକ୍ତି କ୍ଷେତ୍ର ଭାବେ ଉଭା ହେବ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀବୈଷ୍ଣବ କହିଛନ୍ତି, ଦେଶରେ ପ୍ରଯୁକ୍ତିବିଦ୍ୟା ବିନିର୍ମାଣ ଇକୋସିଷ୍ଟମ୍ ସୃଷ୍ଟି ହୋଇଛି ।

ପ୍ରତ୍ୟେକ ସପ୍ତାହରେ ନୂଆ ଯୋଗାଣକାରୀ ବିଶେଷକରି କ୍ଷୁଦ୍ର ଏବଂ ମଧ୍ୟମଧରଣର ଶିଳ୍ପ ବିକାଶ ଲାଭ କରୁଛି । ଦେଶରେ ଥିବା ବିନିର୍ମାଣ ପ୍ରତିଷ୍ଠାନ ଏବଂ ନୂଆ ଡିଜାଇନ୍‌ର ବିକାଶ ଘଟୁଛି ବୋଲି ରେଳମନ୍ତ୍ରୀ କହିଛନ୍ତି ।

---

## ଜି.ଏସ୍.ଟି. - ହେଲ୍‌ଥ କେୟାର

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର କାର୍ଯ୍ୟକାରୀ କରିବାକୁ ଯାଇ ଏବେ ଦେଶରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଘୋଷଣା କରାଯାଇଛି । ଦେଶର ଜନସାଧାରଣ ଚଳିତ ମାସ ୨୨ ତାରିଖରୁ ନୂଆ ଜି.ଏସ୍.ଟି. ଟିକସହାର ମାଧ୍ୟମରେ ଲାଭ ପାଇବା ଆରମ୍ଭ କରିଛନ୍ତି । ନୂଆ ଜି.ଏସ୍.ଟି. ସଂରଚନାରେ ଜି.ଏସ୍.ଟି. ପରିଷଦ ପୂର୍ବର ଚାରି ଥାକିଆ ଟିକସ ବ୍ୟବସ୍ଥାକୁ, ଦୁଇ ଥାକିଆକୁ ପରିବର୍ତ୍ତନ କରିଛି । ପୂର୍ବରୁ ଥିବା ୫, ୧୨, ୧୮, ୨୮ ପ୍ରତିଶତ ଟିକସ ହାରକୁ କେବଳ ୫ ଏବଂ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି । ଫଳରେ ଅନେକ ଗୁଡ଼ିଏ ସେବା ଏବଂ ସାମଗ୍ରୀର ଦର ହ୍ରାସ ପାଇଛି ।

କେନ୍ଦ୍ର ସରକାର ସାଧାରଣ ନାଗରିକଙ୍କୁ ସୁବିଧା ପ୍ରଦାନ କରିବାକୁ ଯାଇ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରରେ ପଦକ୍ଷେପ ସ୍ୱରୂପ ୩୬ଟି ଜୀବନରକ୍ଷାକାରୀ ଔଷଧ ଉପରେ ଟିକସ ହ୍ରାସ କରିଛନ୍ତି । ବିଶେଷ ଭାବେ କର୍କଟ ଏବଂ କେତେକ ଦୁରାରୋଗ୍ୟର ଚିକିତ୍ସା ପାଇଁ ବ୍ୟବହାର ହେଉଥିବା ଅତି ଆବଶ୍ୟକ ଔଷଧ ଏବଂ ମେଡ଼ିକାଲ ଉପକରଣ ଉପରେ ଜିଏସଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଏହା ବ୍ୟତୀତ ସାଧାରଣ ଲୋକଙ୍କୁ ବୀମାଭୁକ୍ତ କରାଇବା ଉଦ୍ଦେଶ୍ୟରେ ଜିଏସଟି ପରିଷଦ ଜୀବନବୀମା ଏବଂ ସ୍ୱାସ୍ଥ୍ୟବୀମା ପ୍ରିମିୟମ ଉପରେ ଜିଏସଟି ସଂପୂର୍ଣ୍ଣ ଛାଡ଼ କରିଛନ୍ତି । ଗଣମାଧ୍ୟମ ସହ କଥା ହେବା ବେଳେ

ପ୍ରୟାଗରାଜର ଜଣେ ଡାକ୍ତର ମନିକା କହିଛନ୍ତି, ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରି ଜୀବନଧାରଣର ମାନ ସହଜ କରିବା ଲାଗି ଉଦ୍ଦିଷ୍ଟ ଜିଏସଟି ସଂସ୍କାର ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଛି ।

**V/O (Monika)**

ଜିଏସଟି ସରଳୀକରଣ ଯୋଗୁଁ ସ୍ୱାସ୍ଥ୍ୟକ୍ଷେତ୍ରରେ ଚିକିତ୍ସା ସୁବିଧା ପୂର୍ବାପେକ୍ଷା କମ୍ ଖର୍ଚ୍ଚରେ ହୋଇପାରିବ ବୋଲି ଜଣାପଡ଼ିଛି । ଫଳରେ ମଧ୍ୟମବର୍ଗ ଏବଂ ନିମ୍ନମଧ୍ୟମ ବର୍ଗର ଲୋକମାନେ ସହଜରେ ଚିକିତ୍ସା ସୁବିଧା ହାସଲ କରିପାରିବେ ।

# ବାଂଲାଦେଶ-କିଲ୍‌ଡ

ବାଂଲାଦେଶରେ ପୁଣି ହିଂସା ସୃଷ୍ଟି ହେବା ଯୋଗୁଁ ଅତିକମ୍‌ରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ଗତକାଲି ଏକ ସ୍କୁଲ୍ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବା ବେଳେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି । ହଜାର ହଜାର ପ୍ରଦର୍ଶନକାରୀ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ହଠାତ୍ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ଭିଡ଼ ନିୟନ୍ତ୍ରଣ ପାଇଁ ସୁରକ୍ଷାକର୍ମୀଙ୍କୁ ଗୁଳି ଚଳାଇବାକୁ ପଡ଼ିଥିଲା । ଏହି ଘଟଣାରେ ଅନେକ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ବାଂଲାଦେଶର ଚିଟାଗଙ୍ଗ ପାର୍ବତ୍ୟାଞ୍ଚଳରେ ମହିଳାଙ୍କ ବିରୋଧରେ ନିର୍ଯାତନା ହାର ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ବିଭିନ୍ନ ଘଟଣାରେ ପୋଲିସ୍‌ର ନିରବତାକୁ ନେଇ ସାଧାରଣ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ କରିଛନ୍ତି । ଇତିମଧ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଅଧିକ ସଂଖ୍ୟାରେ ସୁରକ୍ଷାବଳ ମୁତୟନ କରାଯାଇଛି ।

# ସେବାପର୍ବ-ରେଲୱେ

**Seba Parba Opening**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେବା ଏବଂ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ୧୧ ବର୍ଷର କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଜନସେବା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ଭାରତୀୟ ରେଳବାଇକୁ ଆଧୁନିକୀକରଣ କରିବା ଏବଂ ଦେଶର ଜୀବନଧାରାରେ ପରିବର୍ତ୍ତନ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ନିଆଯାଇଥିବା ପଦକ୍ଷେପ କିଭଳି ପରିବର୍ତ୍ତନ କରିଛି ।

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୧ ବର୍ଷରେ ଭାରତର ରେଳ ଭିତ୍ତିଭୂମିରେ ବିରାଟ ପରିବର୍ତ୍ତନ ଘଟିଛି । ରେଳବାଇକୁ କେବଳ ମାଲ୍ ପରିବହନ ନୁହେଁ, ବରଂ ପ୍ରତିଟି ଲୋକଙ୍କ ଗମନାଗମନର ମାଧ୍ୟମ ରୂପେ ସହଜ ଓ ସରଳ କରିବା ତଥା ଏହାକୁ ଦେଶର ବିକାଶର ଏକ ମୁଖ୍ୟ ଅର୍ଥନୈତିକ ମାନଦଣ୍ଡ ଭାବେ ବିକାଶ କରାଇବା ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଗତ ୧୧ ବର୍ଷ ମଧ୍ୟରେ ଭାରତୀୟ ରେଳ ଆରାମଦାୟକ ଯାତ୍ରା ପ୍ରଦାନ ସହ ବିଶ୍ୱସ୍ତରୀୟ ଯାତ୍ରାର ଅନୁଭବ ସୃଷ୍ଟି କରାଇବା ଦିଗରେ ସଫଳତା ଅର୍ଜନ କରିଛି ।

କାଶ୍ମୀରରୁ କନ୍ୟାକୁମାରୀଯାଏଁ ଭାରତୀୟ ରେଳ ଯୋଗାଯୋଗ ବ୍ୟବସ୍ଥା ସୃଷ୍ଟି କରିବାରେ ସଫଳ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଧମପୁର-ଶ୍ରୀନଗର-ବାରମୂଳା ରେଳ ଲାଇନ୍‌ର ଲୋକାର୍ପଣ ଉତ୍ସବରେ ଯୋଗଦେଇ କହିଥିଲେ :

**V/O- (PM Railway)**

ସୂଚନା ଅନୁଯାୟୀ ରେଳ ବିଭାଗ ପକ୍ଷରୁ ଅମୃତ ଭାରତ ଟ୍ରେନ୍ ଓ ନମୋ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଚଳାଚଳ ସହ ଆସନ୍ତା ୨ରୁ ୩ ବର୍ଷ ମଧ୍ୟରେ ୨୦୦ଟି ନୂଆ ବନ୍ଦେ ଭାରତ ଟ୍ରେନ୍, ୧୦୦ଟି ଅମୃତ ଭାରତ ଟ୍ରେନ୍, ୫୦ଟି ନମୋ ଭାରତ ଏବଂ ୧୭ ହଜାର ୫୦୦ଟି ସାଧାରଣ ଅଣ-ବାତାନୁକୂଳିତ କୋଚ୍ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି । ରେଳ ବିଭାଗର ସୂଚନା ଅନୁଯାୟୀ ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ବିଶ୍ୱସ୍ତରୀୟ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଦେଶର ୧ ହଜାର ୩୦୦ରେଳଷ୍ଟେସନ୍‌ର ବିକାଶ କରାଯାଉଛି । ଅନ୍ୟପକ୍ଷରେ ସୁରକ୍ଷିତ ଯାତ୍ରା ନିଶ୍ଚିତ କରିବା ଲାଗି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କବଚ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । ଭବିଷ୍ୟତକୁ ଦୃଷ୍ଟିରେ ରଖି ଆସନ୍ତା ୨୦୩୦ ସୁଦ୍ଧା ରେଳବାଇକୁ ସଂପୂର୍ଣ୍ଣ ଆଧୁନିକୀକରଣ କରିବା ଲାଗି ଯୋଜନା ରହିଥିବା ଜଣାପଡ଼ିଛି ।

**Seba Parba Closing**

## କରୁର୍-ଅପ୍‌ଡେଟ୍

ତାମିଲନାଡୁର କରୁର୍‌ଠାରେ ବିଜୟଙ୍କ ର୍‍ୟାଲିରେ ଘଟିଥିବା ଦଳାଚକଟା ସ୍ଥିତି ଅନୁଧ୍ୟାନ ଏବଂ ଆହତମାନଙ୍କୁ ଭେଟିବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଆଜି ସକାଳେ କୋଏମ୍ବାଟୁର୍‌ରେ ପହଞ୍ଚିଛନ୍ତି । ଉଭୟ କେନ୍ଦ୍ରମନ୍ତ୍ରୀଦଳାଚକଟାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟିବା ସହ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।। କରୁର ଦୁର୍ଘଟଣା ମୃତ୍ୟୁସଂଖ୍ୟା ଆଜି ସୁଦ୍ଧା ୪୧କୁ ବୃଦ୍ଧି ପାଇଥିବା ବେଳେ ୮୦ରୁ ଅଧିକ ଲୋକ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

# ମହା ସପ୍ତମୀ

ନବରାତ୍ର ପୂଜାର ସପ୍ତମ ଦିନରେ ଆଜି ମହାସପ୍ତମୀ ପାଳନ କରାଯାଉଛି । ନବରାତ୍ରର ଗୁରୁତ୍ୱପୂର୍ଣ୍ଣ ରୀତିନୀତି ମଧ୍ୟରେ କଳାବୌ ବା ନବପତ୍ରିକା ସ୍ନାନ ଦୁର୍ଗାପୂଜା ଉତ୍ସବରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ । ଆଭ୍ୟନ୍ତରୀଣ ଶକ୍ତି ଏବଂ ସାହସ ସମସ୍ତ ନକାରାତ୍ମକ ଶକ୍ତିକୁ ଅତିକ୍ରମ କରିପାରିବ ବୋଲି ମହାସପ୍ତମୀ ଆମକୁ ମନେପକାଇଦିଏ ।

# ନଡ୍ଡା-କନ୍‌କ୍ଲେଭ୍

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି, ସ୍ୱସ୍ଥ ନାରୀଶକ୍ତି ପରିବାର ଅଭିଯାନ ଅଧୀନରେ ଏପର୍ଯ୍ୟନ୍ତ ସାରା ଦେଶରେ ୨ଲକ୍ଷରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି । ନୂଆଦିଲ୍ଲୀରେ ଏକ ଘରୋଇ ସ୍ୱାସ୍ଥ୍ୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି, ଏହି ଅଭିଯାନ ମାଧ୍ୟମରେ ୩ ଦଶମିକ ୬ କୋଟିରୁ ଅଧିକ ଲୋକଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇଛି ଏବଂ ଅକ୍ଟୋବର ୨ ତାରିଖ ସୁଦ୍ଧା ଏହି ସଂଖ୍ୟା ୪ କୋଟି ଅତିକ୍ରମ କରିବ ବୋଲି ଆଶା କରାଯାଉଛି । ନରେନ୍ଦ୍ର ମୋଦୀ ସରକାର ଦେଶରେ ସ୍ୱାସ୍ଥ୍ୟ ଅଭିମୁଖୀ ଏକ ଆରୋଗ୍ୟ କେନ୍ଦ୍ରରୁ ଏକ ସାମଗ୍ରିକ ମଡେଲକୁ ସ୍ଥାନାନ୍ତରିତ ହୋଇଛି ବୋଲି ଉଲ୍ଲେଖ କରି ଶ୍ରୀ ନଡ୍ଡା କହିଛନ୍ତି, ଏଥିରେ ଦେଶର ସ୍ୱାସ୍ଥ୍ୟବ୍ୟବସ୍ଥା ମଧ୍ୟରେ ରୋଗ ପ୍ରତିରୋଧ, ସ୍ୱାସ୍ଥ୍ୟ ପ୍ରୋତ୍ସାହନ, ଚିହ୍ନଟ ଏବଂ ଆରୋଗ୍ୟ ଯତ୍ନ ଅନ୍ତର୍ଭୁକ୍ତ ରହିଛି ।

## ପାକ୍-ବଲୋଚ

ପାକିସ୍ତାନ ବଲୋଚିସ୍ତାନରେ ୩ ଜଣ ଲୋକଙ୍କୁ ସେଠାକାର ସେନା ବଳପୂର୍ବକ ଉଠାଇନେବା ପରେ ଉତ୍ତେଜନା ପ୍ରକାଶ ପାଇଛି । ସେଠାକାର ମାନବାଧିକାର ସଂସ୍ଥା ବଲୋଚ ନ୍ୟାଶନାଲ୍ ମୁଭ୍‌ମେଣ୍ଟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପାକିସ୍ତାନ ସେନା ଏହି କାର୍ଯ୍ୟରେ ଲିପ୍ତ ରହିଛି । ଏଥିରେ କୁଲଦାନ, ଜିଓ୍ୱାନି, ସମୀର ବଲୋଚ, ଆଲ୍‌ତାଫ ବଲୋଚଙ୍କୁ ସେନା କୁଆଡ଼େ ନେଇଯାଇଥିବା ଅଭିଯୋଗ କରାଯାଇଛି । ଅନ୍ୟ ଜଣେ ବ୍ୟକ୍ତି ଗାଲିବ ବଲୋଚ ମଧ୍ୟ ନିଖୋଜ ରହିଥିବା ଜଣାପଡ଼ିଛି । ଏହି ମାନବାଧିକାର ସଂଗଠନ ପୂର୍ବରୁ ବଲୋଚରୁ ଲୋକମାନେ ନିଖୋଜ ହେବା ଘଟଣାରେ ପାକିସ୍ତାନ ସେନା ସିଧାସଳଖ ସଂପୃକ୍ତ ରହିଥିବା ଅଭିଯୋଗ କରିଥିଲେ ।

## ଏସିଆକପ୍-କନ୍‌ଗ୍ରାଜୁଲେସନ୍

ଏସିଆକପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଚମ୍ପିୟାନ୍ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି । ଦଳର ଗୌରବ କାମନା କରି ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି ଲେଖିଛନ୍ତି, ଭବିଷ୍ୟତରେ ଟିମ୍ ଇଣ୍ଡିଆ ଏହିଭଳି ସଫଳତା ହାସଲ କରୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏସିଆ କପ୍‌ରେ ଭାରତ-ପାକିସ୍ତାନ ଫାଇନାଲ୍ ମ୍ୟାଚ୍‌କୁ ଅପରେସନ ସିନ୍ଦୂର ସହିତ ତୁଳନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତ ଜିତିଛି ଏବଂ ଫଳାଫଳ ସମାନ ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି,

ଖେଳପଡ଼ିଆରେ ଅପରେସନ ସିନ୍ଦୂର ଓ ଫଳାଫଳ ସମାନ। ଶ୍ରୀ ମୋଦୀ ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇଛନ୍ତି ।